# ଅନୁଗୋଳରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ।

## "ମ୍ୟାଲେରିଆ ନିର୍ମୂଳ ମୋ ଠାରୁ ଆରମ୍ଭ "

ଅନୁଗୋଳ,ତା.୨୫.୦୪:- ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଜଳବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଦ୍ୱାରା ବିଶ୍ୱ ମ୍ୟାଲେରିଆ ଦିବସ ଆଜି ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶିକ୍ଷଣ ଗୃହରେ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅମରେନ୍ଦ୍ରନାଥ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚଳିତ ବର୍ଷର ବାର୍ତ୍ତା "ମ୍ୟାଲେରିଆ ନିର୍ମୂଳ ମୋ ଠାରୁ ଆରମ୍ଭ"କୁ ସାକାର କରିବା ଉପରେ ଆଲୋକପାତ କରିଥିଲେ । ଅନୁଗୋଳ ଜିଲ୍ଲାରେ ମ୍ୟାଲେରିଆର ପ୍ରାଦୁର୍ଭାବ ଥିବାରୁ ତୃଣମୂଳ ସ୍ତରରେ ଏହି ରୋଗର ସଠିକ୍ ନିରୂପଣ,ଚିକିତ୍ସା,ମଶାରୀ ବ୍ୟବହାର ଓ ଜନ ସଚେତନତା ସୃଷ୍ଟି ଉପରେ ସେ ଗୁରୁତ୍ୱାରୋପ କରିବା ସହ ଜିଲ୍ଲାର ଅପହଂଚ ଇଲାକା,ଆଦିବାସୀ ଅଧ୍ୟୁଷିତ ଅଂଚଳ ଓ ବିଭିନ୍ନ ଛାତ୍ରାବାସ ଗୁଡିକରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଭାବେ କରିବାକୁ ସେ ପରାମର୍ଶ ଦେଇଛନ୍ତି । ମଶା କାମୁଡାକୁ ପ୍ରତିହତ କରିବା ପାଇଁ ପର୍ଯ୍ୟାପ୍ତ ଔଷଧଯୁକ୍ତ ମଶାରୀ ବ୍ୟବହାର ନିମନ୍ତେ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରିବାର ଦାୟିତ୍ୱକୁ ନିଷ୍ଠାର ସହ ପାଳନ କରି ଆମ ସମାଜରୁ ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ କରିବା ନିମନ୍ତେ ସେ ପରାମର୍ଶ ଦେଇଥିଲେ । ମଶା ବଂଶ ବୃଦ୍ଧି ହେଉଥିବା ସ୍ଥାନଗୁଡିକୁ ଚିହ୍ନଟ କରି ସଫେଇ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହାଛଡା ବିଦ୍ୟାଳୟଗୁଡିକର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ମ୍ୟାଲେରିଆ ରୋଗରୁ ମୁକ୍ତି ପାଇବା ପାଇଁ ମଶାରୀ ବ୍ୟବହାର ନିମନ୍ତେ ସଚେତନତା ସୃଷ୍ଟି କରିବା ସମ୍ପର୍କରେ ସେ ଆଲୋକପାତ କରିଥିଲେ । ମ୍ୟାଲେରିଆ ରୋଗର ପ୍ରାଦୁର୍ଭାବ ଧିରେ ଧିରେ କମୁଥିବାରୁ ସେ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଏହି ସଂଖ୍ୟାକୁ ସମ୍ପୂର୍ଣ୍ଣ କମାଇବାକୁ ସେ ଗୁରୁତ୍ୱାରୋପ କରିଥିଲେ । ମ୍ୟାଲେରିଆ ରୋଗର ନିୟନ୍ତ୍ରଣ ଓ ନିରାକରଣ ସମ୍ପର୍କରେ ସେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ପ୍ରାରମ୍ଭରେ ଏ ଡି ଏମ ଓ(ପରିବାର ମଙ୍ଗଳ) ଡା. ବିଶ୍ୱ ବିହାରୀ ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ମ୍ୟାଲେରିଆ ରୋଗର କାରଣ,ଲକ୍ଷଣ ଓ ନିରାକରଣ ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ । ସଠିକ ସମୟରେ ନିଦାନ,ଚିକିତ୍ସା ଓ ସଚେତନତା କାର୍ଯ୍ୟକ୍ରମ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହା ସମ୍ଭବ ହୋଇଛି କେବଳ ଦୁର୍ଗମ ଅଂଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ, ମଶାରୀ ବ୍ୟବହାର ଓ ମଶାବଂଶ ନିପାତ ନିମନ୍ତେ ବିଭିନ୍ନ ପ୍ରତିଷେଧକ କାର୍ଯ୍ୟକ୍ରମ ତଥା ଆଶା କର୍ମୀ ମାନଙ୍କର ନିଷ୍ଠାପାଇଁ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ,ଏ.ଡି.ଏମ୍.ଓ (ଜନସ୍ୱାସ୍ଥ୍ୟ) ଡା.ରାକେଶ କୁମାର ସାହୁ,ଏ ଡି ଏମ୍ ଓ (ମେଡିକାଲ) ଡା.ଲକ୍ଷ୍ମୀ ନାରାୟଣ ବିଶୋଇ , ଡି .ପି .ଏମ୍ ଏନ୍ .ଏଚ .ଏମ୍ ଶ୍ରୀ ବିଶ୍ୱ ରଂଜନ ରଥଙ୍କ ସମେତ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର,ସ୍ୱାସ୍ଥ୍ୟ କର୍ମୀ,ଆଶା କର୍ମୀ ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଏ. ଡି .ପି .ଏଚ. ସି ଓ ମନ୍ଦାକିନୀ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


OBSERVANCE OF WORLD MALARIA DAY- 2019
THEME- ZERO MALARIA STARTS WITH ME
ON 25TH APRIL 2019
AT- NHM TRAINING HALL
NATIONAL VECTOR BORNE DISEASE CONTROL PROGRAMME, DHH, ANGUL


NATIONAL HEALTH MISSION
WORLD MALARIA DAY- 2019
MALARIA STARTS WITH ME
APRIL 2019
TRAINING HALL
DISEASE CONTROL PROGRAMME, DHH,